

RNI No.ODIODI/2010/33031
୧୬ ବର୍ଷ Volume-16
ISSUE - 10 ସଂଖ୍ୟା-୧୦
ଭୁବନେଶ୍ୱର, ଗୁରୁବାର ୧୩ ମାର୍ଚ୍ଚ, ୨୦୨୫
Bhubaneswar, Thursday, 13, March, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଏପ୍ରିଲ୍ ପହିଲାରୁ ଆୟୁଷ୍ମାନ ଭାରତ

ଭୁବନେଶ୍ୱର,୧୨।୩(ନି.ପ୍ର.): ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆସନ୍ତା ଏପ୍ରିଲ ପହିଲା ଦିନ ସାରା ରାଜ୍ୟରେ ଏହି ଯୋଜନାର ଶୁଭାରମ୍ଭ ହେବ। ଏହା ସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ସେହିଦିନ ଶୁଭାରମ୍ଭ ହେବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାର ଶୁଭାରମ୍ଭ ପାଇଁ ରାଜ୍ୟର ସମସ୍ତ ୧୪୩୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯିବ।ସୂଚନାଯୋଗ୍ୟ ଯେ, ଆୟୁଷ୍ମାନ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହେବା ପାଇଁ ଜାନୁଆରୀ ୧୩ ତାରିଖ ଦିନ ନୂଆଦିଲ୍ଲୀ ଠାରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ବୈଠକର ତଥ୍ୟ ଅନୁଯାୟୀ ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୦୩ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ। ବ୍ୟକ୍ତିଗତ ଭାବେ ୩.୪୬ କୋଟିରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏହି ଦୁଇଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବରେ କାର୍ଯ୍ୟକାରୀ (କୋ-ବ୍ରାଣ୍ଡିଂ) କରାଯିବ। ଏହି ଦୁଇଟି ଯୋଜନା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ (କୋ-ବ୍ରାଣ୍ଡେଡ୍ କାର୍ଡ) ଯୋଗାଇ ଦିଆଯିବ। ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ଅଲଗା ଏକ ସ୍ୱତନ୍ତ୍ର କାର୍ଡ ପାଇବେ।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଉପକୃତ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ।

ସେହିପରି ୭୦ ବର୍ଷ ବୟସରୁ ଅଧିକ ବୟସର ଲୋକମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବ ସୂଚନା ଅନୁଯାୟୀ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୨୩, ୧୨, ୯୭୯ ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ଯୋଡ଼ିହେବେ। ଏହାଦ୍ୱାରା ରାଜ୍ୟର ସମୁଦାୟ ୩.୫୨ କୋଟି ଲୋକ ଉପକୃତ ହେବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବା ବେଳେ ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ପ୍ରଦାନ କରାଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ହେବ। ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ।

ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ

ଭୁବନେଶ୍ୱର ୧୨।୩(ନି.ପ୍ର.): ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଆସନ୍ତା ୨୨ ତାରିଖରେ ଓଡ଼ିଶା ଆସିବେ ଅମିତ ଶାହ। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ। ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଶାହ ଯୋଗଦେବେ।

ସେପଟେ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିବେ। ଗସ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ନୟାଗଡ଼ କଣ୍ଟିଲୋ ନୀଳମାଧବଙ୍କ ଦର୍ଶନ କରିବା ନେଇ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବ୍ୟବସ୍ଥା, ଅସ୍ଥାୟୀ ହେଲିପ୍ୟାଡ ଓ ଅନ୍ୟାନ୍ୟ ବ୍ୟବସ୍ଥା ପରିଚାଳନା ନେଇ ସ୍ଥିତି ସମୀକ୍ଷା କରିଛନ୍ତି ନୟାଗଡ଼ ଜିଲ୍ଲାପାଳ ଓ ଏସପି।

ସୂଚନା ଥାଉକି, ରାଷ୍ଟ୍ରପତି ୨୪ ତାରିଖ ଦିନ ମଧ୍ୟାନ ସାଢେ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଣ୍ଟିଲୋ ନୀଳମାଧବ ମନ୍ଦିର ଗସ୍ତ କରିବେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ଅନ୍ୟ କାର୍ଯ୍ୟକ୍ରମ ଯୋଗଦେବେ। ରାଷ୍ଟ୍ରପତି ଜଗନ୍ନାଥ ସଂସ୍କୃତିର ମୂଳପୀଠ ଭାପୁର ବ୍ଲକ ଅଧୀନ କାଳିଆପଲ୍ଲୀ ଜଙ୍ଗଲ ମଧ୍ୟରେ ଶବର ରାଜା ବିଶ୍ୱାବସୁ ଓ ଲଳିତାଙ୍କ ଜନ୍ମମାଟି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ହୋଲିରେ ବଢ଼ିବ ତାତି

ଭୁବନେଶ୍ୱର,୧୨।୩(ନି.ପ୍ର.): ଉପକୂଳରୁ ଉପାନ୍ତ ସବୁଠି ତାତି ତାଉ ଥିବାବେଳେ ଆସନ୍ତାକାଲିଠୁ ଜଳିବ ପଶ୍ଚିମ ଓଡ଼ିଶା। ହୋଲିରେ ଅନୁଭବ ହେବ ଟାଇଁ ଟାଇଁ ଖରା। ଚଳିତ ସପ୍ତାହରେ ୪ ଦିନ ପାଇଁ ହିଟ ୱେଭ୍ ୱାର୍ଣ୍ଣିଂ ବା ଗ୍ରୀଷ୍ମ ପ୍ରବାହ ନେଇ ସତର୍କ କରିଛି ପାଣିପାଗ ବିଭାଗ। ୧୩,୧୪, ୧୫ ଓ ୧୬ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଅସମ୍ଭାଳ ତାତି ଅସ୍ତବ୍ୟସ୍ତ କରିବ ବୋଲି କୁହାଯାଇଛି। ତେବେ ୪ ଦିନ ଯାଏଁ ପ୍ରବଳ ଖରା ନେଇ ୟେଲୋ ସହ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ଆସନ୍ତାକାଲି ଅର୍ଥାତ ୧୩ ତାରିଖରେ ବଲାଙ୍ଗୀର,ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ୪ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ସେହିପରି ୧୪ ତାରିଖରେ ପ୍ରବଳ ଖରା ନେଇ ୬ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ଅନୁଗୁଳକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୫ ତାରିଖରେ ପ୍ରବଳ ଖରା ନେଇ ୫ ଜିଲ୍ଲା ସୁନ୍ଦରଗଡ଼, ସୋନପୁର, ଅନୁଗୁଳ ,ବରଗଡ଼ ଓ ମୟୂରଭଞ୍ଜକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପଟେ ୧୬ ତାରିଖରେ ୬ ଜିଲ୍ଲା ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼,ସୁନ୍ଦରଗଡ ଓ ମୟୂରଭଞ୍ଜକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେପଟେ ଦିନରେ ଗ୍ରୀଷ୍ମ ପ୍ରବାହ ସହ ରାତିରେ ଉଷ୍ମ ରାତିର ଅନୁଭବ ହେବ ବୋଲି ବିଭାଗ ପୂର୍ବାନୁମାନ କରିଥିବା ବେଳେ, ଏନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେପଟେ ପଶ୍ଚିମ ଓଡ଼ିଶାରେ ହୋଇପାରେ ନିଆଁବର୍ଷା। ପାରଦ ୪୦ ଡିଗ୍ରୀ ଉପରକୁ ପାର୍ କରିବା ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ବୌଦ୍ଧରେ ସର୍ବାଧିକ ୩୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱର ସର୍ବାଧିକ ୩୫.୪ ଡିଗ୍ରୀ ଓ କଟକରେ ୩୫.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ସଂସଦରେ ଉଠିଲା ବିଜୁ ବାବୁ ପ୍ରସଙ୍ଗ

କଟକ,୧୨।୩: ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଣେତା ଥିଲେ ବିଜୁ ବାବୁ। ବିଜୁ ବାବୁଙ୍କ ଜୟନ୍ତୀ ଛୁଟି ଦିବସ ବୋଲି ସରକାରୀ କ୍ୟାଲେଣ୍ଡରରେ ମଧ୍ୟ ଉଲ୍ଲେଖ ରହିଛି, ଏହାପରେ ବି ଚଳିତ ବର୍ଷ ଓଡ଼ିଶା ସରକାର ତାହା ପାଳନ କଲେନାହିଁ, ଏଭଳି କଥା ଆଜି ସଂସଦରେ ଉଠାଇଛନ୍ତି ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ। ଦେବାଶିଷ ସଂସଦରେ କ୍ଷୋଭ ପ୍ରକାଶ କରିବା ସହ ଓଡ଼ିଶା ସରକାରଙ୍କୁ ମଧ୍ୟ ଟାର୍ଗେଟ୍ କରିଛନ୍ତି।

ଦେବାଶିଷ କହିଛନ୍ତି ଯେ, ପୂର୍ବରୁ ବିଜୁ ଜୟନ୍ତୀରେ ସରକାରୀ ଭାବେ ପଞ୍ଚାୟତିରାଜ ଦିବସ ପାଳିତ ହେଉଥିଲା, କିନ୍ତୁ ସରକାର ବଦଳିବା ପରେ, ପୂର୍ବ ନିଷ୍ପତ୍ତି ମଧ୍ୟ ବଦଳିଯାଇଛି। ଯାହା ଓଡ଼ିଶା ସରକାରଙ୍କ ହୀନମାନ୍ୟତାର ପ୍ରମାଣ ବୋଲି ରାଜ୍ୟସଭାରେ ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବୀରପୁତ୍ର ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ମାର୍ଚ୍ଚ ୫ ତାରିଖ ଅବସରରେ ପାଳିତ ହୁଏ ପଞ୍ଚାୟତିରାଜ ଦିବସ। ଏହିଦିନ ରାଜ୍ୟର ସମସ୍ତ ପଞ୍ଚାୟତରେ ଏହାକୁ ଧୁମଧାମରେ ପାଳନ କରାଯାଇଥାଏ । ତେବେ ସାରା ଦେଶରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେଉଥିବା ବେଳେ ଓଡ଼ିଶାରେ ମାର୍ଚ୍ଚ ୫ ତାରିଖରେ ପାଳନ କରାଯାଏ। ୨୦୧୨ରୁ ଓଡ଼ିଶାରେ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ଏହିଦିନ ପାଳନ କଲେନି ରାଜ୍ୟ ସରକାର ।

ଡ୍ରଙ୍କେନ୍ ଡ୍ରାଇଭ୍ ପାଇଁ ଆମେ ପ୍ରସ୍ତୁତ ରହିବୁ : ଡିସିପି

ଭୁବନେଶ୍ୱର ୧୨।୩(ନି.ପ୍ର.): ଆରମ୍ଭ ହୋଇଯାଇଛି ଦୋଳ ଉତ୍ସବ। ଆଉ ଦିନକ ପରେ ଦୋଳ ପୂର୍ଣ୍ଣିମା ପଡୁଥିବା ବେଳେ ତାପର ଦିନ ପାଳନ ହେବ ରଙ୍ଗର ପର୍ବ ହୋଲି। ଏହି ଦୋଳ ଉତ୍ସବ ଆଉ ହୋଲିକୁ ନେଇ ଉତ୍ସବମୁଖର ପୁରପଲ୍ଲୀ। ଯାହାକୁ ନେଇ ବିଭିନ୍ନ ଅଞ୍ଚଳରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଭଳିକି ଭଳି ରଙ୍ଗର ପସରା ଖୋଲି ବସିଛନ୍ତି ବ୍ୟବସାୟୀ।

ତେବେ ହୋଲି ପାଇଁ ପୋଲିସ ମଧ୍ୟ ବ୍ୟାପକ ପ୍ରସ୍ତୁତି କରିଛି। ହୋଲି ପାଇଁ ସମସ୍ତ ଥାନାଙ୍କୁ ଆଲର୍ଟ କରାଯାଇଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ସମସ୍ତେ ନିଜ ନିଜ ଗ୍ରୁପ୍ରେ ଆଲର୍ଟ ରହିବା ସହ ସହଯୋଗ କରିବେ। ଅଭିଭାବକ ମାନଙ୍କୁ ଆଲର୍ଟ ରହିବାକୁ ପଡିବ। ପିଲାମାନଙ୍କ ଉପରେ ନଜର ରଖିବାକୁ ଡିସିପି ଅନୁରୋଧ କରିଛନ୍ତି। ଆମେ ନିଜ ନିଜ ଇଣ୍ଟେଲିଜେନ୍ସ । ହୋଲି ଦିନ ଡ୍ରଙ୍କେନ୍ ଡ୍ରାଇଭ୍ ପାଇଁ ମଧ୍ୟ ଆମେ ପ୍ରସ୍ତୁତ ରହିବୁ । ଆମେ ରାସ୍ତା ଉପରେ ଆଲର୍ଟ ରହିବୁ ।

ରାସ୍ତାରେ ଛୋଟ ବଡ଼ ଗଣ୍ଡଗୋଳ ପାଇଁ ରାସ୍ତା ଉପରେ ପୋଲିସ ଉପସ୍ଥିତ ରହିବେ । ଯଦି ରାସ୍ତା ଉପରେ ଝଗଡ଼ା କରିବେ ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ। ସବୁ ଆଇଆଇସି ମାନଙ୍କୁ ହୋଟେଲରେ ଚେକିଂ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୋଳ ମେଳଣ ପାଇଁ ଥାନା ଅଧିକାରୀଙ୍କ ଆବଶ୍ୟକତା ଅନୁସାରେ ଫୋର୍ସ ଦିଆଯିବ। ଶାନ୍ତିପୂର୍ଣ୍ଣ ହୋଲି ସେଲେବ୍ରେଶନ ପାଇଁ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବ ବୋଲି ଭୁବନେଶ୍ୱର ଡିସିପି କହିଛନ୍ତି।

ରାଜା ଚକ୍ରର କ୍ରସର ଜବତ କଲା ଇଓଡବ୍ଲ୍ୟୁ

ଏବେବି ଚାଲିଛି ୧୦୦ରୁ ଅଧିକ ଆକାଉଣ୍ଟର ଯାଞ୍ଚ

ଭୁବନେଶ୍ୱର,୧୨।୦୩(ନି.ପ୍ର.): ୧୦୦ କୋଟିରୁ ଅଧିକ ଟଙ୍କାର ଘୋଟାଲା ମାମଲା। ଅଭିଯୁକ୍ତ ରାଜା ଚକ୍ରର ଗୋଟିଏ କ୍ରସର ଜବତ କରିଛି ଇଓଡବ୍ଲୁ। ବର୍ତ୍ତମାନ ସୁଦ୍ଧା ରାଜା ଚକ୍ରର ୪୨ଟି ଗାଡ଼ି ଜବତ କରିସାରିଛି ଅର୍ଥନୈତିକ ଅପରାଧ ଶାଖା।

ଗନ୍ଧମାର୍ଦ୍ଦନ ଲୋଡିଂ ଆଣ୍ଡ କୋ-ଅପରେଟିଭ୍ ସୋସାଇଟିରେ ୧୦୦ କୋଟିରୁ ଅଧିକ ଟଙ୍କାର ଘୋଟାଲା ଅଭିଯୋଗ ସାମ୍ନାକୁ ଆସିଥିଲା। ଯାହାପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ବିଭିନ୍ନ ସ୍ଥାନରେ ଏକାସାଙ୍ଗେ ଚଢାଉ ହୋଇଥିଲା। ଆଉ ଏହି ଚଢାଉରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଥିଲା । ତେବେ ବର୍ତ୍ତମାନ ସୁଦ୍ଧା ରାଜା ଚକ୍ରର ୪୨ଟି ଗାଡ଼ି ଜବତ ହୋଇଥିବା ବେଳେ ବୁଧବାର ଦିନ ଏକ କ୍ରସର ମଧ୍ୟ ଜବତ ହୋଇଛି। ସେହିପରି ୧୦୦ରୁ ଅଧିକ ଆକାଉଣ୍ଟର ଆର୍ଥିକ କାରବାର ନେଇ ଛାନ୍ଭିନ୍ ଜାରି ରଖିଛି ଇଓଡବ୍ଲୁ।

ଇନ୍‌ଫୋସିସ୍ ସେୟାର ୬,୮୦୦ କୋଟି କ୍ଷତି

ମୁମ୍ବାଇ,୧୨।୩: ସପ୍ତାହର ତୃତୀୟ ଦିନ ଅର୍ଥାତ ବୁଧବାର ଆଇଟି ସେକ୍ଟରର ଦିଗ୍ଗଜ କମ୍ପାନୀ ଇନଫୋସିସ ସେୟାରରେ ବଡ଼ ଧରଣର ହ୍ରାସ ଦେଖାଯାଇଛି। ଏହି ହ୍ରାସ ଯୋଗୁ କମ୍ପାନୀର ସଂସ୍ଥାପକ ନାରାୟଣ ମୂର୍ତ୍ତି ଓ ତାଙ୍କ ପରିବାରର ମଧ୍ୟ ବ୍ୟାପକ କ୍ଷତି ହୋଇଛି। କୁହାଯାଉଛି ମୂର୍ତ୍ତି ପରିବାରର ୬,୮୭୫ କୋଟି ଟଙ୍କାର କ୍ଷତି ହୋଇଛି। ବୁଧବାର ଇନଫୋସିସ ସେୟାରରେ ପାଖାପାଖି ୬% ହ୍ରାସ ସହ ୧,୫୬୨ର ନିମ୍ନତମ ସ୍ତରକୁ ପହଞ୍ଚି ଯାଇଛି।

ଏହି ହିସାବରେ ସେୟାର ଡିସେମ୍ବର ୨୦୨୪ରେ ୫୩ ସପ୍ତାହର ଉଚ୍ଚତମ ସ୍ତର ୨,୦୦୬.୮୦ ଟଙ୍କାରୁ ପାଖାପାଖି ୨୨% ତଳକୁ ଖସିଛି। ତେବେ ଏହା ପୂର୍ବରୁ ଜୁନ ୨୦୨୪ରେ ସେୟାରର ମୂଲ୍ୟ ୧,୩୫୯.୧୦ ଟଙ୍କାର ସର୍ବନିମ୍ନ ସ୍ତରକୁ ପହଞ୍ଚିଥିଲା। ନାରାୟଣ ମୂର୍ତ୍ତିଙ୍କ ପରିବାରର ୫ ସଦସ୍ୟଙ୍କ ନିକଟରେ ୪.୦୨ ପ୍ରତିଶତ ସେୟାର ରହିଛି, ଯାହାର ମୂଲ୍ୟ ୨୬,୨୮୭.୧୯ କୋଟି ଟଙ୍କା ହୋଇଛିଯ ଏହା ୧୩ ଡିସେମ୍ବର ୨୦୨୪ର ୩୩,୧୬୨.୮୯ କୋଟି ଟଙ୍କା ତୁଳନାରେ ୬,୮୭୫.୭୦ କୋଟି ଟଙ୍କା କମ। ୧୩ଡିସେମ୍ବର ୨୦୨୪ରେ ସେୟାର ଉଚ୍ଚତମ ସ୍ତର ୨,୦୦୬.୮୦ ଟଙ୍କାକୁ ପହଞ୍ଚିଥିଲା।

ଡିସେମ୍ବର ତ୍ରୈମାସିକର ଶେଷ ବେଳକୁ ଇନଫୋସିସର ସହ ସଂସ୍ଥାପକ ତଥା ପ୍ରମୋଟର ନାରାୟଣ ମୂର୍ତ୍ତିଙ୍କ ନିକଟରେ କମ୍ପାନୀର ୦.୪୦ ପ୍ରତିଶତ ଭାଗିଦାରୀ ଥିଲା। ସେତେବେଳେ ତାଙ୍କ ପତ୍ନୀ ଏନ.ମୂର୍ତ୍ତିଙ୍କ ନିକଟରେ ୦.୯୨ ପ୍ରତିଶତ ଓ ଝିଅ ଅକ୍ଷତା ମୂର୍ତ୍ତିଙ୍କ ନିକଟରେ ୧.୬୨ ପ୍ରତିଶତ ଏବଂ ୧.୦୪ ପ୍ରତିଶତ ଭାଗିଦାରୀ ଥିଲା। ଉଲ୍ଲେଖଯୋଗ୍ୟ ଯେ ଅକ୍ଷତା ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ପତ୍ନୀ ମଧ୍ୟ ଅଟନ୍ତି। ନାରାୟଣ ମୂର୍ତ୍ତିଙ୍କ ନାତି ଏକାଗ୍ର ରୋହନ ମୂର୍ତ୍ତିଙ୍କ ପାଖରେ ଇନଫୋସିସର ମାମୁଲି ସେୟାର ୦.୦୪ ପ୍ରତିଶତ ରହିଛି।

ଏଥିରେ ସେୟାର ଦର ହ୍ରାସ ଯୋଗୁ ରୋହନ ମୂର୍ତ୍ତିଙ୍କ ୨,୭୬୧ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ଅକ୍ଷତା ମୂର୍ତ୍ତିଙ୍କ ୧,୭୭୮.୮୯ କୋଟି ଟଙ୍କା ଓ ଶୁଭା ଏନ.ମୂର୍ତ୍ତିଙ୍କ ୧,୫୭୩.୫୪ କୋଟି ଟଙ୍କାର କ୍ଷତି ହୋଇଛି। ବ୍ରୋକରେଜ ମୋତିଲାଲ ଓସୱାଲ ଇନଫୋସିସ ନିମନ୍ତେ ତାଙ୍କ ରେଟିଂକୁ ହ୍ରାସ କରି 'ହୋଲ୍ଡ' କରିଦେଇଛି। ଏହା ଛଡା ମର୍ଗାନ ଷ୍ଟେନଲୀ ମଧ୍ୟ ଇନଫୋସିସର ରେଟିଂ ହ୍ରାସ କରି 'ଇକ୍ୱଲ ୱେଟ' କରିଦେଇଛି ଓ ପୂର୍ବର ୨,୧୫୦ ଟଙ୍କାରୁ ୧,୭୪୦ ଟଙ୍କାର ନୂଆ ଟାର୍ଗେଟ୍ ପ୍ରସ୍ତାବ କରିଛି।

ଗଙ୍ଗୁଆ ନାଳରେ ହେବ ୬ ଲେନ୍ ରାସ୍ତା, ଦୂର ହେବ ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱର,୧୨।୩(ନି.ପ୍ର.):ଦୂର ହେବ ଭୁବନେଶ୍ୱର ପଳାଶୁଣିରେ ଟ୍ରାଫିକ୍ ସମସ୍ୟା। ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରସ୍ତାବକୁ ମିଳିଛି ମଞ୍ଜୁରୀ। ଏନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ଯାହାକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ।

ତେବେ ଦିଲ୍ଲୀ ଗସ୍ତରେ ଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରିଥିଲେ। ପଳାଶୁଣି ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜର ପ୍ରଶସ୍ତିକରଣ ତଥା ପଳାଶୁଣିରେ ଟ୍ରାଫିକ୍ ସମସ୍ୟାର ଦୂରିକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପରେ ମୋହର ବାଜିଥିବା ନେଇ ଭୁବନେଶ୍ୱର ସାଂସଦ ସୂଚନା ଦେଇଛନ୍ତି।

ବିଧାନସଭାକୁ କେବଳ ମୋବାଇଲ୍ ନେଇ ଯାଇପାରିବେ ସାମ୍ବାଦିକ

ଭୁବନେଶ୍ୱର,୧୨।୩(ନି.ପ୍ର.): ବିଧାନସଭାକୁ ସାମ୍ବାଦିକ ମାନେ ମୋବାଇଲ ନେଇ ଯାଇ ପାରିବେ କିନ୍ତୁ କୌଣସି ଭିଡ଼ିଓ ବା ଫଟୋ ଉତ୍ତୋଳନ କରି ପାରିବେ ନାହିଁ ବୋଲି ବାଚସ୍ପତି ଶ୍ରମତୀ ସୁରମା ପାଢ଼ୀ ତାଙ୍କ ପୂର୍ବ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ଗତକାଲି ବାଚସ୍ପତି ସାମ୍ବାଦିକ ମାନଙ୍କୁ ବିଧାନସଭାକୁ ମୋବାଇଲ ମନା ବୋଲି ନିଷ୍ପତ୍ତି ନେବା ପ୍ରତିବାଦରେ ଆଜି ବିଧାନସଭା ରିପୋର୍ଟିଂ କରୁଥିବା ସାମ୍ବାଦିକ ମାନେ ତାର ପ୍ରତିବାଦ କରି ବିଧାନସଭା ପରିସରରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେଇ ବସିଥିଲେ। ଦୀର୍ଘ ସମୟ ଧରି ସାମ୍ବାଦିକ ମାନଙ୍କର ଏହି ଧାରଣା ସହିତ ସୋମନେ ଆଜି ବିଧାନସଭାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ମଧ୍ୟ ବର୍ଜନ କରିଥିଲେ। ଏହା ପରେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ଶାସକ ଓ ବିରୋଧି ଦଳର ବିଧାୟକ ମାନେ ଧାରଣାରତ ସାମ୍ବାଦିକ ମାନଙ୍କ ନିକଟକୁ ଆସି ସେମାନଙ୍କୁ ବୁଝାସୁଝା କରିବା ପରେ ସାମ୍ବାଦିକ ମାନେ ତାଙ୍କ ଧାରଣା ପ୍ରତ୍ୟାହାର କରିଛନ୍ତି।

ପୂର୍ବ ସରକାର ସମୟରେ ବିଧାନସଭାକୁ କ୍ୟାମେରା କିମ୍ବା ମୋବାଇଲ ନ ଆଣିବା ପାଇଁ କଟକଣା ଲଗାଇଥିଲା। ସେହି ମର୍ମରେ ବର୍ତ୍ତମାନର ସରକାର ଏହି କଟକଣା ଲଗାଇବାରୁ ଆଜି ସାମ୍ବାଦିକ ମାନେ ବିଧାନସଭାର ପ୍ରଶ୍ନକାଳକୁ ବୟକଟ୍ କରି ଧାରଣା ଦେଇଥିଲେ।

ଗତକାଲି ବିଧାନସଭା ଭିତରେ ବିଧାୟକମାନଙ୍କର ମାରପିଟ୍ ହେବା ଭିଡିଓ ଭାଇରାଲ ହେଇଥିଲା । ଆଉ ଏହାପରେ ଆଜି ସାମ୍ବାଦିକଙ୍କ ଉପରେ କଟକଣା ଲାଗିଥିଲା। ମଙ୍ଗଳବାର ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ହାତାହାତି ହେଇଥିଲେ। ଏହାପରେ ଗୃହରେ ଆରମ୍ଭ ହେଇଯାଇଥିଲା ବିଧାୟକ ମାନଙ୍କର ଗଣ୍ଡଗୋଳ।

ADMISSION OPEN
ଓଡିଶା ସରକାରଙ୍କ ଦ୍ୱାରା ସୀକୃତି ପ୍ରାପ୍ତ
ଦିଗନ୍ତ ବିକାଶ ଉଚ୍ଚ ମାଧମିକ ସ୍କୁଲ
+୨ ବିଜ୍ଞାନ ଓ +୨ କଳା
SUMMER COURSE START
FROM DATE 20.03.2025
ଦିଗନ୍ତ ବିଦ୍ୟାମନ୍ଦିର
ଶ୍ରେଣୀ ୬ଷ୍ଠ ରୁ ୧୦ମ
(ଓଡିଆ ମାଧ୍ୟମ)
BARIPADA (Near NH-18 Between Murgabadi Golei to Darogadahi Golei)
: 9692794054 :: 7008287376 :: 7894598304